No. of Printed Pages : 5

Sem-I-UG-Odia-MJCore-2(NEP)
(ସାହିତ୍ୟର ସ୍ୱରୂପ)

# 2024-25

***Time - 3 hours***

***Full Marks - 100***

*Answer **all parts** as per instructions.*
*Figures in the right hand margin indicate marks.*

## PART – I

୧ । ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତର ଚୟନ କରି ସମସ୍ତ ପ୍ରଶ୍ନର ଉତ୍ତର ଦିଅ । [୧ × ୧୦

(କ) ବାକ୍ୟଂ ରସାତ୍ମକଂ କାବ୍ୟଂ – କାବ୍ୟ ସଂପର୍କିତ ଏହି ସଂଜ୍ଞାଟି କାହାର ?

(i) ଆନନ୍ଦ ବର୍ଦ୍ଧନ (ii) ଭାମହ

(iii) ରୁଦ୍ରଟ (iv) ବିଶ୍ୱନାଥ କବିରାଜ

(ଖ) ବିଷୟବସ୍ତୁ ଦୃଷ୍ଟିରୁ ଓଡ଼ିଆ କାବ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଅଛି ?

(i) ୨ (ii) ୩

(iii) ୪ (iv) ୫

(ଗ) ନୀଳକଣ୍ଠ ଦାସଙ୍କ 'ପ୍ରଣୟିନୀ' କି ଧରଣର କାବ୍ୟ ?

(i) କାଳ୍ପନିକ (ii) ଅନୂଦିତ

(iii) ଐତିହାସିକ (iv) ପୌରାଣିକ

(ଘ) ସମ୍ବୋଧନ ଗୀତିକାର ଇଂରାଜୀ ପ୍ରତିଶବ୍ଦଟି କଣ ?

(i) Ode (ii) Sonnet

(iii) Ballad (iv) Elegy

(ଙ) "A Novel is a work of fiction containing a good story and well-drawn character." – ଉପନ୍ୟାସ ସଂପର୍କିତ ଏହି ମତଟି କିଏ କହିଥିଲେ ?

(i) Hutton (ii) Henery James

(iii) H.G. Wells (iv) Ralf Fox

(ଚ) ଯେଉଁ ଉପନ୍ୟାସ ପତ୍ରଲିଖନ ଶୈଳୀରେ ରଚିତ ହୋଇଥାଏ ତାହାକୁ କେଉଁ ଉପନ୍ୟାସ କୁହାଯାଏ ?

(i) ପତ୍ରୋପନ୍ୟାସ (ii) ଜୀବନୀମୂଳକ

(iii) ଡିଟେକ୍‌ଟିଭ୍ (iv) ଆଞ୍ଚଳିକ

(ଛ) 'ଭଙ୍ଗାଖେଳନା' ଗଳ୍ପର ଗାଳ୍ପିକ କିଏ ?

(i) ମନୋଜ ଦାସ (ii) ସୁରେନ୍ଦ୍ର ମହାନ୍ତି

(iii) କିଶୋରୀ ଚରଣ ଦାସ (iv) ଗୋଦାବରୀଶ ମିଶ୍ର

(ଜ) ନାଟକରେ ବ୍ୟକ୍ତିର ଦୁଇ ପରସ୍ପର ବିରୋଧୀ ମନୋଭାବର ସଂଘର୍ଷକୁ କଣ କୁହାଯାଏ ?

(i) ନାଟକୀୟ ଦ୍ୱନ୍ଦ୍ୱ (ii) ନାଟ୍ୟଶ୍ଳେଷ

(iii) ନାଟ୍ୟଉତ୍କଣ୍ଠା (iv) ଆକସ୍ମିକତା





(ଝ) 'ନିନ୍ଦିତ ଗଜପତି' ନାଟକ କିଏ ରଚନା କରିଥିଲେ ?

(i) ନିଳାଦ୍ରୀ ଭୂଷଣ ହରିଚନ୍ଦନ

(ii) ହରିହର ମିଶ୍ର

(iii) ନାରାୟଣ ସାହୁ

(iv) ବିଜୟ ଶତପଥୀ

(ଞ) 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ଓଡ଼ିଆ ଭ୍ରମଣ କାହାଣୀର ଲେଖକ କିଏ ?

(i) ଗୋଲୋକ ବିହାରୀ ଧଳ (ii) ଚିତ୍ତରଞ୍ଜନ ଦାସ

(iii) ଉଦୟନାଥ ମିଶ୍ର (iv) ଭୁବନେଶ୍ୱର ବେହେରା

## PART – II

୨ । ସମସ୍ତ ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦ଟି ଶବ୍ଦ ମଧ୍ୟରେ ଦିଅ । [୨ × ୯

(କ) କାହ୍ନନିକ କାବ୍ୟ କାହାକୁ କୁହାଯାଏ ? ଯେକୌଣସି ଦୁଇଟି କାହ୍ନନିକ କାବ୍ୟର ଦୃଷ୍ଟାନ୍ତ ଦିଅ ।

(ଖ) ଗାଥାକବିତା କାହାକୁ କହନ୍ତି ?

(ଗ) ଓଡ଼ିଆ ସାହିତ୍ୟର ପ୍ରଥମ ସନେଟ୍ କିଏ ଲେଖିଥିଲେ ଓ ଏହାର ନାମ ଉଲ୍ଲେଖ କର ।

(ଘ) ମନସ୍ତାତ୍ତ୍ୱିକ ଗଳ୍ପ କାହାକୁ କୁହାଯାଏ ଉଦାହରଣ ସହ ଲେଖ ।

(ଙ) ଉପନ୍ୟାସର ଭାଷା କିପରି ହେବା ଉଚିତ୍ ?

(ଚ) ନାଟକର ତ୍ରୟୀ ଐକ୍ୟ କହିଲେ କଣ ବୁଝ ?

(ଛ) ନାଟକୀୟ ଦ୍ୱନ୍ଦ୍ୱ କାହାକୁ କୁହାଯାଏ ଓ ଏହା କେତେ ଭାଗରେ ବିଭକ୍ତ ଓ କଣ କଣ ?

(ଜ) ପ୍ରବନ୍ଧର ଆଖ୍ୟାନ ଭାଗ କିପରି ହୋଇଥାଏ ?

(ଝ) ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ପାର୍ଥକ୍ୟ ନିରୂପଣ କର ।

## PART – III

୩ । ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୨୫୦ଟି ଶବ୍ଦ ମଧ୍ୟରେ ଦିଅ । [୫ × ୮

(କ) କାବ୍ୟର ସଂଜ୍ଞା ନିରୂପଣ ସହ ଏହାର ପ୍ରକାରଭେଦ ସଂପର୍କରେ ଆଲୋଚନା କର ।

(ଖ) ଓଡ଼ିଆ ସନେଟ୍‌ର ଗଠନଶୈଳୀ ସଂପର୍କରେ ପର୍ଯ୍ୟାଲୋଚନା କର ।

(ଗ) ସମ୍ବୋଧନ ଗୀତିକା କହିଲେ କଣ ବୁଝ ? ଏହାର ସ୍ୱରୂପ ଆକଳନ କର ।

(ଘ) ଉପନ୍ୟାସ ଗଠନକୌଶଳର ବିବିଧ ଦିଗ ସଂପର୍କରେ ଆଲୋକପାତ କର ।

(ଙ) ଓଡ଼ିଆ ଗଳ୍ପର ପ୍ରକାରଭେଦ ସଂପର୍କରେ ପର୍ଯ୍ୟାଲୋଚନା କର ।

(ଚ) ଏକାଙ୍କିକାର ବିବିଧ ରୂପ ସଂପର୍କରେ ସବିଶେଷ ଆଲୋକପାତ କର ।

(ଛ) ଓଡିଆ ନାଟକର ସ୍ୱରୂପ ଆକଳନ କର ।

(ଜ) ଓଡ଼ିଆ ପ୍ରବନ୍ଧ ସାହିତ୍ୟର ସ୍ୱରୂପ ସଂପର୍କରେ ବର୍ଣ୍ଣନା କର ।

(ଝ) ଓଡ଼ିଆ ଆତ୍ମଜୀବନୀର ସ୍ୱରୂପ ସଂପର୍କରେ ପର୍ଯ୍ୟାଲୋଚନା କର ।

(ଞ) ରମ୍ୟରଚନାର ସଂଜ୍ଞା ପ୍ରଦାନ କରିବା ସହ ଏହାର ସ୍ୱରୂପ ଦର୍ଶାଅ ।





## PART – IV

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୮୦୦ଟି ଶବ୍ଦ ମଧ୍ୟରେ ଦିଅ ।

୪ । ମହାକାବ୍ୟର ସଂଜ୍ଞା ନିର୍ଦ୍ଧାରଣପୂର୍ବକ ଏହାର ପ୍ରକାରଭେଦ ସଂପର୍କରେ ସବିସ୍ତୃତ ଆଲୋଚନା କର । [୮

୫ । କ୍ଷୁଦ୍ରଗଳ୍ପର ସଂଜ୍ଞା ପ୍ରଦାନପୂର୍ବକ ଏହାର ଗଠନକଳା ସଂପର୍କରେ ବିଶଦ ବିବରଣୀ ପ୍ରଦାନ କର । [୮

୬ । ଓଡ଼ିଆ ନାଟକର ପ୍ରକାରଭେଦ ଦର୍ଶାଅ । [୮

୭ । ଓଡ଼ିଆ ଜୀବନୀ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋକପାତ କର । [୮

୮ । ଭ୍ରମଣକାହାଣୀ ସଂଜ୍ଞା ନିରୂପଣ ସହ ଏହାର ସ୍ୱରୂପ ସଂପର୍କରେ ପର୍ଯ୍ୟାଲୋଚନା କର । [୮